# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ଜୀବନ ସଂସ୍କାର ଉପରେ ନିର୍ଭରଶୀଳ ଏକ ଯାତ୍ରା

ମଣିଷ ଏ ସଂସାରରେ ବହୁବିଧ କର୍ମ ଓ ଅନେକ ପ୍ରକାରର ଉଦ୍ୟମରେ ସବୁବେଳେ ମଗ୍ନ । ମଣିଷର କାମ ଓ ଜଞ୍ଜାଳ ଏତେ ବେଶି ଯେ ବେଳେବେଳେ ତା'ର

Scanned by TapScanner

ମନେହୁଏ ଦୈନନ୍ଦିନ କର୍ମ ନିମନ୍ତେ ଦିନର ଚବିଶି ଘଣ୍ଟା ମଧ୍ୟ ଖୁବ୍ ଅଳ୍ପ । ଏ ସମୟରେ ଖାଇବା, ପିଇବା, ପଢ଼ିବା, ଚାଲିବା, ବସିବା, ସ୍ୱପ୍ନ ଦେଖିବା, ପରସ୍ପରକୁ ଘୃଣା କରିବା, ଗର୍ବ କରିବା, ପ୍ରଶଂସା କରିବା, କାନ୍ଦିବା, ହସିବା, ଥଟ୍ଟା କରିବା, ଆଶା କରିବା, ହତାଶ ହେବା ଆଦି କାମସବୁ ଅସରନ୍ତି ଭାବରେ ସେ ସବୁବେଳେ କରି ଚାଲିଥାଏ । ସାରା ଜୀବନଟା ଏସବୁ କର୍ମରେ ଭର୍ତ୍ତି ହୋଇଯାଏ । ଏ କର୍ମସବୁ ଜୀବନକୁ କେତେଗୁଡ଼ିଏ ସଂସ୍କାରର ସମାହାରରେ ପରିଣତ କରିଦିଏ । ଏଇ ସଂସ୍କାରଗୁଡ଼ିକ ଚରିତ୍ର ଓ ବ୍ୟକ୍ତିତ୍ୱ ଉପରେ ଗୋଟାଏ ଛାପ ରଖିଯାଏ ।

କର୍ମ ଦୁଇ ପ୍ରକାରର, ଉତ୍ତମ ଓ ଅଧମ । ମଣଷ ଜୀବନରେ ଉଭୟ ପ୍ରକାରର କର୍ମର ପ୍ରଭାବକୁ ବିଚାର କରିବାକୁ ପଡ଼ିବ । ପିଲାଦିନର କର୍ମର ପ୍ରଭାବ ସିଲଟର ଲେଖାପରି ଖୁବ୍ ଶୀଘ୍ର ଲିଭିଯାଏ । ଆଉ ପୂର୍ବଜନ୍ମଗୁଡ଼ିକର କର୍ମ ? ଯେତେବେଳେ କୈଶୋରର ଘଟଣା ସବୁ ଭୁଲିଯାଉଛ, ପୂର୍ବଜନ୍ମର କଥା କେମିତି ମନେରଖି ପାରିବ ? ପୂର୍ବଜନ୍ମ କଥା ଛାଡ଼ିଦେଲେ ମଧ୍ୟ ତୁମେ କହିପାରିବ ନାହିଁ ଯେ ଯେଉଁ ଘଟଣାଗୁଡ଼ିକ ସବୁ ତୁମର ମନେଅଛି, ତୁମ ଜୀବନରେ କେବଳ ସେଇଗୁଡ଼ିକ ଘଟିଛି ଓ କେବଳ ସେଇଗୁଡ଼ିକ ହିଁ ତୁମ ଚରିତ୍ରକୁ ରୂପ ଦେଇଛି । ଯେଉଁ କର୍ମଗୁଡ଼ିକ ଅତୀତ ହୋଇ ପର ପର ଅନ୍ୟାନ୍ୟ କର୍ମ ଓ ଘଟଣାଗୁଡ଼ିକ ଦ୍ୱାରା ନିର୍ବାସିତ ହୋଇ ବିସ୍ମୃତି ଭିତରେ ବିଲୀନ ହୋଇଯାଆନ୍ତି, ସେଗୁଡ଼ିକ ମଧ୍ୟ ତୁମ ମନରେ ସେମାନଙ୍କର ପ୍ରଭାବର ସ୍ୱାକ୍ଷର ରଖିଯାଆନ୍ତି । ଅତୀତର ସମସ୍ତ ଘଟଣାର ଅବଶେଷ ମନରେ ସାଇତା ହୋଇ ରହିଯାଏ । ରାତିରେ ଶୋଇଲାବେଳେ ତୁମେ ସେଇଦିନର ଘଟଣାଗୁଡ଼ିକୁ ଯେତେବେଳେ ମନେ ପକେଇବାକୁ ଚେଷ୍ଟା କର ସେତେବେଳେ ଅତି ସାନ ସାନ ଉପେକ୍ଷିତ ଘଟଣାଗୁଡ଼ିକ ତୁମର ଡାକ ଶୁଣନ୍ତି ନାହିଁ । ଯେଉଁ କର୍ମଗୁଡ଼ିକର କିଛି ତାତ୍ପର୍ଯ୍ୟ ଓ ଅର୍ଥ ରହିଛି ଏବଂ ଯେଉଁଗୁଡ଼ିକ ମନରେ ଗଭୀର ଭାବରେ ମୁଦ୍ରିତ, କେବଳ ସେଇଗୁଡ଼ିକ ହିଁ ମନପଡ଼େ ।

ଯେତେବେଳେ ଗୋଟିଏ ଦିନର ଅବସ୍ଥା ଏହା, ସେଇ ଦିନର ସୁଖ-ଦୁଃଖ, ଭଲ-ମନ୍ଦ ସହ ସଂପୃକ୍ତ ନଥିବା ଘଟଣାଗୁଡ଼ିକ ଆମେ ପାଶୋରିଯାଉ, ତେବେ ଗତସପ୍ତାହ ବା ଗତମାସ କିମ୍ବା ଗତବର୍ଷର ଘଟଣାଗୁଡ଼ିକ ବିଷୟରେ କ'ଣ କହିବା ? କେବଳ ପ୍ରଧାନ ଘଟଣାଗୁଡ଼ିକ ହିଁ ମନରେ ସ୍ପଷ୍ଟ ଭାବରେ ଲିପିବଦ୍ଧ ହୋଇ ରହିଯାଏ, ଆଉ ଯେଉଁସବୁ ଧୂଆଁଳିଆ ହୋଇ ବିସ୍ମରଣ ହୋଇଯାଏ, ସେସବୁ ସଂସ୍କାର ଗଢ଼େ ।

ଜୀବନରେ ସଂଖ୍ୟାହୀନ କର୍ମରେ ବ୍ୟାପୃତ ରହି, ଏଇ ବହୁପ୍ରସାରିତ କ୍ରିୟାଗୁଡ଼ିକ ମଧ୍ୟରୁ ବହୁବିଧ ଜ୍ଞାନ, ଶିକ୍ଷା ଓ ଅଭିଜ୍ଞତା ସଂଗ୍ରହ କରୁ କରୁ ମନୁଷ୍ୟ ତା'ର ମୂଳଧନ ରୂପେ ଚାରି ବା ପାଞ୍ଚୋଟି ମାତ୍ର ସୁଦୃଢ଼ ଓ ସୁଗଭୀର ସାରକଥା ସଞ୍ଚିରଖେ ।

Scanned by TapScanner